# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 19th May - 2025

**********************************

## ମୁଖ୍ୟ ସମ୍ବାଦ

- ଆଗାମୀ ଦିନରେ ଆଞ୍ଚଳିକ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ହେବ; କହିଲେ ମୁଖ୍ୟମନ୍ତ୍ରୀ ।

— ଭୁବନେଶ୍ୱରରେ ୧ ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗର ଶୁଣାଣି କରି ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦେଲେ ନିର୍ଦ୍ଦେଶ ।

- ଦକ୍ଷିଣ ଏସିଆ ଶ୍ରମିକ ସ୍ଥାନାନ୍ତର ସମ୍ମିଳନୀରେ ଯୋଗଦେବା ପାଇଁ ଦୁଇଦିନିଆ ଭୁଟାନ ଗସ୍ତରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ।

- ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଆ ଚଳଚ୍ଚିତ୍ରର ସର୍ବାଙ୍ଗୀନ ବିକାଶ ପାଇଁ ସମୀକ୍ଷା ବୈଠକ ।

ଏବଂ

- ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀଜନିତ ବର୍ଷା; ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୨ଟି ଜିଲ୍ଲାକୁ ସତର୍କ ସୂଚନା ।

*BBSR/R*

## ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି

ଗରିବ ଅସହାୟଙ୍କୁ ସହାୟତା ଦେବା ସରକାରଙ୍କ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ୟୁନିଟ୍-୨ସ୍ଥିତ କ୍ୟାପିଟାଲ୍ ନର୍ସରୀ ନିକଟସ୍ଥ ପୁରୁଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଲୋକମାନଙ୍କର ଅଭିଯୋଗ ଶୁଣାଣି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କୁ ନିରନ୍ତର ନ୍ୟାୟ ପ୍ରଦାନପାଇଁ ଅଭିଯୋଗ ଶୁଣାଣି ଶିବିର ଜାରି ରହିଛି । ଆଗାମୀ ଦିନରେ ଆଞ୍ଚଳିକ ସ୍ତରରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଅନୁଷ୍ଠିତ ହେବ ।

***Voice** :.......*

ସୂଚନା ଅନୁସାରେ ଆଜି, ମୁଖ୍ୟମନ୍ତ୍ରୀ ଓ ୬ ଜଣ ବରିଷ୍ଠ ମନ୍ତ୍ରୀ ପ୍ରାୟ ୧ ହଜାର ଅଭିଯୋଗ ଶୁଣାଣି କରି ବିଭାଗୀୟ ମନ୍ତ୍ରୀ ଓ ସଚିବମାନଙ୍କୁ ସମାଧାନପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମ୍ ମାଧ୍ୟମରେ ୧୪ ଜଣଙ୍କୁ ୧୩ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ଦିଆଯାଇଛି । ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମଧ୍ୟ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି ।

***Desk, Nayagarh, Kendrapara, Bhadrak,***
***Deogarh, Boudh, Ganjam/R***

## ଜନଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୫୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ସେଥିମଧ୍ୟରୁ ୯ଟି ବିବାଦର ତତ୍କାଳ ସମାଧାନ କରାଯାଇଥିଲା ।

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ୬୨ଟି ଅଭିଯୋଗର ଶୁଣାଣି ହୋଇଥିଲା ।

ଭଦ୍ରକ ଜିଲ୍ଲା ଚାନ୍ଦବାଲିଠାରେ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୫୬ଟି ଅଭିଯୋଗ ଶୁଣାଣି କରାଯାଇଥିଲା ।

ଦେବଗଡ଼ ଜିଲ୍ଲା ତିଲେଇବଣୀ ବ୍ଲକ୍ ସୁଗୁଡ଼ା ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୪୫ଟି ଅଭିଯୋଗର ଶୁଣାଣି କରିଥିଲେ ।

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ କାର୍ଯ୍ୟାଳୟରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୩୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପଞ୍ଜୀକୃତ ୧୮୨ଟି

ଅଭିଯୋଗ ମଧ୍ୟରୁ ୮ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା । ରେଡ୍‌କ୍ରସ ରିଲିଫ୍ ପାଣ୍ଠିରୁ ୫ ଜଣଙ୍କୁ ୧ ଲକ୍ଷ ୪ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି ।

***Desk***

## ଉପମୁଖ୍ୟମନ୍ତ୍ରୀ - ଭୁଟାନ ଗସ୍ତ

ବିଶ୍ୱବ୍ୟାଙ୍କଦ୍ୱାରା ଆସନ୍ତାକାଲି ଓ ୨୧ ତାରିଖ ଦୁଇଦିନ ଧରି ଭୁଟାନର ଥିମ୍ପୁଠାରେ ଦକ୍ଷିଣ ଏସିଆ ଶ୍ରମିକମାନଙ୍କ ସ୍ଥାନାନ୍ତର ସମ୍ପର୍କିତ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଭୁଟାନ ଗସ୍ତରେ ଯାଇଛନ୍ତି। ଭାରତ ପକ୍ଷରୁ ଶ୍ରୀ ସିଂହଦେଓ ସମ୍ମିଳନୀରେ ପ୍ରତିନିଧିତ୍ୱ କରିବେ। ରାଜ୍ୟର ଦାଦନ ଶ୍ରମିକ ବିସ୍ଥାପନ ଟାସ୍କଫୋର୍ସର ଅଧ୍ୟକ୍ଷ ଭାବେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ଦାୟିତ୍ୱ ନିର୍ବାହ କରୁଛନ୍ତି। ଦାଦନ ଶ୍ରମିକ ଭଳି ସମସ୍ୟାର ସ୍ଥାୟୀ ସମାଧାନ ପନ୍ଥା ଏବଂ ନୀତିନିର୍ଦ୍ଧାରଣ କରିବାରେ ଏହି ସମ୍ମିଳନୀ ବିଶେଷ ସହାୟକ ହେବ। ଉପମୁଖ୍ୟମନ୍ତ୍ରୀଙ୍କ ସହ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଭୂଟାନ ଗସ୍ତରେ ଯାଇଛନ୍ତି।

*HS*

# ଭୂମିହୀନ

ରାଜ୍ୟରେ ୪ ଡିସିମିଲ୍‌ରୁ କମ୍ ଜମି ଥିଲେ ଭୂମିହୀନ ଭାବେ ବିବେଚନା କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଘରକୁ ଘର ବୁଲି ୪ ଡିସିମିଲ୍‌ରୁ କମ୍ ଜମିଥିବା ଲୋକଙ୍କୁ ଚିହ୍ନଟ କରି ତାଲିକା ପ୍ରସ୍ତୁତ କରାଯିବ । ଚିହ୍ନଟ ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ଜମିପଟ୍ଟା ପ୍ରଦାନ କରାଯିବ । ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

*Malkangiri/R*

# ଆଦର୍ଶ ଶ୍ମଶାନ ଉଦ୍‌ଘାଟିତ

ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ଆଇ.ଏମ୍.ଏସ୍.ଟି. ସ୍କୁଲ୍ ନିକଟରେ ଆଜି ଆଦର୍ଶ ଶ୍ମଶାନକୁ ବିଧାୟକ ନରସିଂହ ମାଡ଼କାମୀ ଉଦ୍‌ଘାଟନ କରିଛନ୍ତି । ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ଓ ପୌର ପରିଷଦଦ୍ୱାରା ମୋଟ୍ ୧ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟରେ ଏହି ଶ୍ମଶାନ ନିର୍ମାଣ କରାଯାଇଛି । ଏଥିରେ ପାନୀୟ ଜଳ, ଗୋଦାମ ଗୃହ, ଆଶ୍ରୟସ୍ଥଳ ଆଦିର ବ୍ୟବସ୍ଥା ରହିଛି ।

# ଚଳଚ୍ଚିତ୍ର ପୁରସ୍କାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ସଂସ୍କୃତି ଭବନରେ ଓଡ଼ିଆ ଚଳଚ୍ଚିତ୍ରର ସର୍ବାଙ୍ଗୀନ ବିକାଶ ପାଇଁ ଆଲୋଚନା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ପ୍ରତିବର୍ଷ ନିୟମିତ ଭାବେ ପ୍ରଦାନ ନେଇ ଆଲୋଚନା ହୋଇଛି । ଏହାସହ ପୁରସ୍କାର ରାଶିକୁ ବୃଦ୍ଧି କରିବା, ଚଳଚ୍ଚିତ୍ର ପୁରସ୍କାର ପାଇଁ ସ୍ୱତନ୍ତ୍ର ୱେବ୍‌ସାଇଟ୍ ନିର୍ମାଣ କରି ପୁରସ୍କାର ସମ୍ବନ୍ଧୀୟ ତଥ୍ୟ ସ୍ଥାନିତ କରିବା ନେଇ ଆଲୋଚନା ହୋଇଥିଲା । ରାଜ୍ୟରେ ଚଳଚ୍ଚିତ୍ର ନିର୍ମାଣ କରିବାପାଇଁ ଭିତ୍ତିଭୂମି ସୁଦୃଢ଼ କରିବା, ପ୍ରେକ୍ଷାଳୟ ସଂଖ୍ୟା ବୃଦ୍ଧି କରିବା, ସ୍ୱତନ୍ତ୍ର ଚଳଚ୍ଚିତ୍ର ଅଭିଲେଖାଗାର, ଓ.ଟି.ଟି. ତଥା ଡିଜିଟାଲ୍ କଣ୍ଟେଣ୍ଟ୍‌କୁ ପ୍ରୋତ୍ସାହନ ଦେବା ଆଦି ଉପରେ ଚଳଚ୍ଚିତ୍ର ଜଗତର ବ୍ୟକ୍ତିବିଶେଷମାନେ ପ୍ରସ୍ତାବ ରଖିଥିଲେ । ଦିଗପହଣ୍ଡି ବିଧାୟକ ତଥା ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, ଅଭିନେତା, ଲେଖକ, ସଙ୍ଗୀତଜ୍ଞ ପ୍ରମୁଖ ଯୋଗ ଦେଇଥିଲେ ।

*Koraput/R*

# ଗୃହକମିଟି

ବିଧାନସଭାର ମହିଳା ଓ ଶିଶୁ ବିକାଶ ଗୃହ କମିଟି କୋରାପୁଟ ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଆଜି ସେମିଳିଗୁଡ଼ା ବ୍ଲକ୍‌ର ଲୁଙ୍ଗୁରୀ ଅଙ୍ଗନୱାଡ଼ି କେନ୍ଦ୍ର, ମୁଚିଙ୍ଗଗୁଡ଼ାଠାରେ କଫି ଚାରାରୋପଣ କେନ୍ଦ୍ର ପରିଦର୍ଶନ କରିବା ସହ ରାଜପୁଟ ମିଲେଟ୍ ମିଶନ୍‌ର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ଜିଲ୍ଲାପାଳ ଭି. କୀର୍ତ୍ତିୱାସନ୍‌ଙ୍କ ସହ ମାଲକାନଗିରି ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ ।

*Puri/R*

# ଶ୍ରୀକ୍ଷେତ୍ରେ ଭଉଁଣୀ

ପବିତ୍ର ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ରଥଖଳାରେ ଚକ-ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ସକାଳ ଧୂପ ନୀତି ଶେଷ ହେବା ପରେ ଘଣ୍ଟ ଛତା ବିଜେ କାହାଳୀ ସହ ପଟୁଆରରେ ଆଜ୍ଞାମାଳ ବିଜେ ହୋଇଥିଲା । ବିଧି ଅନୁଯାୟୀ ଆଜ୍ଞାମାଳକୁ ରଥଖଳାରେ ବିଜେ କରିବା ପାଇଁ ପ୍ରତି ରଥର ଦୁଇଟି ଚକରେ ଡେରାଯାଇଥିବା ଅଖ ଚକରେ ପ୍ରଦାନ କରାଯିବାର ପରମ୍ପରା ସମ୍ପାଦନ କରାଯାଇଛି। ବିଧି ଓ ପରମ୍ପରା

ଅନୁଯାୟୀ, ଆଜି ରଥ ନିର୍ମାଣର ଆଉ ଏକ ପର୍ଯ୍ୟାୟ ଶେଷ ହୋଇଛି। ଶୃଙ୍ଖଳାର ସହ ରଥନିର୍ମାଣ କାର୍ଯ୍ୟ ଜାରି ରହିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ି କହିଛନ୍ତି।

ଆଜି ମଧ୍ୟ ବାହାର ଚନ୍ଦନ ଯାତ୍ରାର ଶେଷଦିନ ହୋଇଥିବାରୁ ନରେନ୍ଦ୍ର ପୁଷ୍କରିଣୀରେ ରାତ୍ରଚାପରେ ୨୧ ଘେରା ଜଳକ୍ରୀଡ଼ା ସହ ଭଉଁରୀ ବିଧି ଅନୁଷ୍ଠିତ ହେବ ।

***Desk***

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖ ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ୧୨୨ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱାର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ମନ୍ କୀ ବାତ୍ କାର୍ଯ୍ୟକ୍ରମ ପାଇଁ ଜନସାଧାରଣ ନିଃଶୁଳ୍କ ନମ୍ବର ୧୮୦୦-୧୧-୭୮୦୦ରେ ମତାମତ

ପଠାଇପାରିବେ । ନରେନ୍ଦ୍ର ମୋଦି ଆପ୍ କିମ୍ବା ମାଇଁ ଗଭ୍ ଓପନ୍ ଫୋରମ୍‌ରେ ମଧ୍ୟ ଆସନ୍ତା ୨୩ ତାରିଖ ସୁଦ୍ଧା ମତାମତ ପଠାଯାଇପାରିବ ।

*Puri, Nabarangpur, Bolangir/R*

## ତ୍ରିରଙ୍ଗା ଯାତ୍ରା

ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀ ଶରଧାବାଲିଠାରୁ ମରିଚକୋଟ୍ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ସାଂସଦ ସମ୍ବିତ୍ ପାତ୍ରଙ୍କ ସମେତ ବିଧାୟକମାନେ ଉପସ୍ଥିତ ଥିଲେ ।

ତେନ୍ତୁଳିଖୁଣ୍ଟିର ହାତିଗୁଡ଼ା ମହାବିଦ୍ୟାଳୟରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ବିଧାୟକ ଗୌରଶଙ୍କର ମାଝୀ, ବ୍ଲକ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବର୍ଗର ଲୋକ ଅଂଶଗ୍ରହଣ କରିଥିଲେ।

ବଲାଙ୍ଗୀର ଜିଲ୍ଲା ଲୋଇସିଂହାଠାରେ ଆଜି ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଅପରେସନ୍ ସିନ୍ଦୂରର ସଫଳତା ନେଇ ଆୟୋଜିତ ଏହି ଶୋଭାଯାତ୍ରାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ସମେତ ସମାଜର ବିଭିନ୍ନ ବର୍ଗର ଲୋକମାନେ ଯୋଗ ଦେଇଥିଲେ। ଶୋଭାଯାତ୍ରା ଲୋଇସିଂହା

କଲେଜ ସମ୍ମୁଖରୁ ବାହାରି ସହର ପରିକ୍ରମା କରି ଅଗ୍ରସେନ ଭବନରେ ପହଁଞ୍ଚିଥିଲା ।

***Desk***

# ପାଣିପାଗ

ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତି ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ୧୪ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଏ ସମ୍ପର୍କରେ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି :

***Voice*** :.......

*****